# ସବୁଜ ଗିରି
# SABUJA GIRI

KRISHI VIGYAN KENDRA, GAJAPATI
କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Indian Council of Agricultural Research, New Delhi
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ

ଏକବିଂଶତମ ବର୍ଷ | ସଂଖ୍ୟା - ୨ | ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ:୨୦୨୫୧୨୦୬୧୧ | ଜୁଲାଇ-ସେପ୍ଟେମ୍ବର ୨୦୨୫





## କୃଷିର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ରର ପ୍ରୟାସ

ପାହାଡ଼ ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ବହୁଳ ଗଜପତି ଜିଲ୍ଲାର ବହୁବିଧ କୃଷି ପରିସ୍ଥିତିକୁ ଆଧାର କରି କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଜନସହଭାଗୀ ଅବଧାରଣା ଦ୍ୱାରା କୃଷି ଏବଂ କୃଷି ପରିବାରର ଦକ୍ଷତା ବିକାଶ ଦିଗରେ କାର୍ଯ୍ୟରତ । ଜିଲ୍ଲାର କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କର ବାର୍ଷିକ ଆୟ ବୃଦ୍ଧି ସହିତ ପ୍ରତ୍ୟେକ ସ୍ତରରେ ଉନ୍ନତି ସକାଶେ କୃଷି ବିଜ୍ଞାନ କେନ୍ଦ୍ର ସର୍ବଦା ଚେଷ୍ଟା କରି ଆସୁଛି । ଭାରତ ସରକାରଙ୍କ ବିଭିନ୍ନ ଯୋଜନାକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ସକ୍ରିୟ ଭୂମିକା ନିର୍ବାହ କରୁଛନ୍ତି । ନୂତନ ଜ୍ଞାନକୌଶଳ, ଗବେଷଣାଲବ୍ଧ ବୈଜ୍ଞାନିକ କୃଷିପ୍ରଣାଳୀ, ନୂତନ ଯନ୍ତ୍ରପାତି, ପ୍ରକ୍ରିୟାକରଣ ଇତ୍ୟାଦିର କ୍ଷେତ୍ର ପରୀକ୍ଷଣ ଏବଂ କ୍ଷେତ୍ର ପ୍ରଦର୍ଶନ ଆୟୋଜିତ କରାଯାଉଛି । କୃଷକ ଉତ୍ପାଦକ ସଂଘ ଗଠନ କରି ଚାଷୀମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି କରିବା ପାଇଁ ଏହି କେନ୍ଦ୍ର ଅନବରତ ଚେଷ୍ଟା କରି ଆସୁଛି ।




କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ତ୍ରୈମାସିକ ପତ୍ରିକା ସବୁଜଗିରି ଏକ ଅଭିନବ ପ୍ରୟାସ । ଆମର ଆଶା ଏହି ପତ୍ରିକାଟି କୃଷି କ୍ଷେତ୍ରରେ ଅଗ୍ରଗତି ପାଇଁ କୃଷି ପରିବାରକୁ ଯଥେଷ୍ଟ ପ୍ରେରଣା ଯୋଗାଇବ ଏବଂ କୃଷି ବିଜ୍ଞାନ କେନ୍ଦ୍ରକୁ ଅଧିକରୁ ଅଧିକ ଲୋକାଭିମୁଖୀ କରାଇବାରେ ସହାୟକ ହେବ ।






## ପ୍ରାଣୀ ଚିକିତ୍ସା ଶିବିର

କୃଷିବିଜ୍ଞାନ କେନ୍ଦ୍ର ଏବଂ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ମିଳିତ ଆନୁକୂଲ୍ୟରେ ରା. ଉଦୟଗିରି ବ୍ଲକ ସ୍ଥିତ ଲକ୍ଷ୍ମୀପୁର ଗ୍ରାମରେ ପ୍ରାଣୀ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମର ଗାଈ, ଛେଳି, ବଳଦମାନଙ୍କ ଚିକିତ୍ସା କରାଯାଇଥିଲା । ମୁଖ୍ୟତଃ ପଶୁମାନଙ୍କର ଫାଟୁଆ ରୋଗର ନିୟନ୍ତ୍ରଣ ବିଷୟରେ ଅବଗତ କରାଯାଇଥିଲା ।



## ଗାଜର ଘାସ ସଚେତନତା ସପ୍ତାହ ପାଳନ

ଅଗଷ୍ଟ ମାସର ୧୯ରୁ ୨୨ ତାରିଖକୁ ଗାଜର ଘାସ ସଚେତନତା ସପ୍ତାହ ରୂପେ ପାଳନ କରାଯାଇଥାଏ । ଏହି ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ନୂଆଗଡ଼ ବ୍ଲକ ଅନ୍ତର୍ଗତ ଅତରସିଂ ଗ୍ରାମରେ ଏହି ସପ୍ତାହଟି ପାଳନ କରାଯାଇଥିଲା । ଏହି ଗାଜର ଘାସ ଯୋଗୁଁ ହେଉଥିବା ଶ୍ୱାସରୋଗ ଓ ବିଭିନ୍ନ ପ୍ରକାର ଆଲେର୍ଜି ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯିବା ସହିତ ଗାଜର ଘାସକୁ ଓପାଡ଼ି ନଷ୍ଟ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଗ୍ରାମର ସମସ୍ତ ଚାଷୀ ଗାଁରେ ହୋଇଥିବା ଗାଜର ଘାସକୁ ନଷ୍ଟ କରିଥିଲେ ।



## ପି.ଏମ୍. କିଷାନ୍ ସମ୍ମାନ ନିଧି ଯୋଜନା

ଚଳିତ ବର୍ଷ ଅଗଷ୍ଟ ୨ ତାରିଖରେ ଉତ୍ତରପ୍ରଦେଶର ବାରଣାସୀ ଠାରେ ପି.ଏମ୍. କିଷାନ୍ ସମ୍ମାନ ନିଧି ଯୋଜନା ନିମନ୍ତେ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ତମ କିସ୍ତିର ହସ୍ତାନ୍ତରୀକରଣ କରିଥିଲେ । ଏହାଦ୍ୱାରା ୨୦,୫୦୦ କୋଟି ଟଙ୍କା ଦେଶର ପ୍ରାୟ ୯.୭ କୋଟି ଚାଷୀଙ୍କୁ ବଣ୍ଟନ କରାଯାଇଥିଲା । ଏହି ଟଙ୍କାକୁ ଚାଷୀମାନେ ଖରିଫ୍ ଋତୁରେ ଚାଷ କାର୍ଯ୍ୟରେ ଲଗାଇ ପାରିଥିଲେ । ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବାର ଆୟୋଜନ କୃଷି ବିଜ୍ଞାନ କେନ୍ଦ୍ରରେ କରାଯାଇଥିଲା ଏଥିରେ ରା. ଉଦୟଗିରି, ନୂଆଗଡ଼ ଏବଂ ରାୟଗଡ଼ ବ୍ଲକ୍‌ର ୭୦ ଜଣ ଚାଷୀ ଯୋଗଦେଇ ସିଧା ପ୍ରସାରଣ ଦେଖିଥିଲେ ।



## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସର ସିଧା ପ୍ରସାରଣ


ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଚଉଷଠି ତମ ପ୍ରତିଷ୍ଠା ଦିବସ ଚଳିତ ବର୍ଷ ଅଗଷ୍ଟ ମାସ ୨୪ ତାରିଖରେ ଭୁବନେଶ୍ୱର ସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା । ଏହି ପ୍ରତିଷ୍ଠା ଦିବସରେ ମାନ୍ୟବର ରାଜ୍ୟପାଳ, ଉପମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ଏହି ପ୍ରତିଷ୍ଠା ଦିବସର ସିଧାପ୍ରସାରଣ ଗଜପତି ଜିଲ୍ଲାର ବିଭିନ୍ନ ବ୍ଲକର ପ୍ରାୟ ୧୦୦ଜଣ ଋଷୀ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଦେଖିବା ସହିତ କୃଷି କାର୍ଯ୍ୟର ଆଧୁନିକୀକରଣ ଦିଗରେ ବିଶ୍ୱବିଦ୍ୟାଳୟର ଭୂମିକା ବିଷୟରେ ଜାଣିଥିଲେ ।



NEWS LETTER

## ଗଜପତି ଜିଲ୍ଲାର ସ୍ମାର୍ଟ କୃଷକଙ୍କୁ ରାଜ୍ୟସ୍ତରୀୟ ସମ୍ମାନ

ଗଜପତି ଜିଲ୍ଲାର ରା. ଉଦୟଗିରି ବ୍ଲକ ସ୍ଥିତ ଶବରପଲ୍ଲୀ ଗ୍ରାମର ଶ୍ରୀ ସଞ୍ଜୟ ରାଉତଙ୍କୁ ସ୍ମାର୍ଟ କୃଷକ ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ୬୪ ତମ ପ୍ରତିଷ୍ଠା ଦିବସ ଅବସରରେ ସମ୍ମାନିତ କରାଯାଇଥିଲା । ଶ୍ରୀ ସଞ୍ଜୟ ରାଉତ ଆଧୁନିକ ପ୍ରଣାଳୀରେ ପନିପରିବା ଚାରା ଉତ୍ପାଦନ, ପରିବା ଚାଷ, ଛତୁଚାଷ, ମହୁ ଚାଷ କରିବା ସହିତ ଡିଜିଟାଲ ଟେକ୍‌ନୋଲୋଜି ତଥା ସ୍ମାର୍ଟ ଫୋନ୍ ବ୍ୟବହାର କରି ନିଜର ଉତ୍ପାଦିତ ଦ୍ରବ୍ୟ ବିକ୍ରୟ କରିଥାନ୍ତି ।




## ଚିନାବାଦାମ ଫସଲର କ୍ଲଷ୍ଟରରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ଗଜପତି ଜିଲ୍ଲାରେ ଅଧିକରୁ ଅଧିକ ଜମିରେ ଚିନାବାଦାମ ଚାଷ କରିବା ନିମନ୍ତେ ଚଳିତ ବର୍ଷ ଏକତ୍ର ଗୋଟିଏ ଜାଗାରେ ବୃହତ୍ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଫସଲର ଉତ୍ପାଦନ ବୃଦ୍ଧି ପାଇଁ ଅଧିକ ଅମଳକ୍ଷମ ଚିନାବାଦାମ କିସମ କାଦ୍ରୀ ଲେପାକ୍ସିର ବିହନ, ଅଣୁସାର, କୀଟନାଶକ ଔଷଧ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଏହି ପ୍ରଦର୍ଶନ ଅନ୍ତର୍ଭୁକ୍ତ ଚାଷୀମାନଙ୍କୁ ଯୋଗାଇ ଦେଇ ବୈଜ୍ଞାନିକ ପ୍ରଣାଳୀରେ ଚିନାବାଦାମ ଚାଷ ସମ୍ବନ୍ଧରେ ତାଲିମ୍ ମଧ ଦିଆଯାଇଥିଲା । କାଶୀନଗର ଓ ଗୁମ୍ମା ବ୍ଲକର ୧୦୦ ଜଣ ଚାଷୀଙ୍କ ୪୦ ହେକ୍ଟର ଜାଗାରେ ଏହି କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମଟି କରାଯାଇଥିଲା ।




## ମାଁ ପାଇଁ ଗଛଟିଏ ପ୍ରଧାନମନ୍ତ୍ରୀଙ୍କର ଅଭିନବ ପ୍ରୟାସ

ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ 'ଏକ ପେଡ଼ ମା କେ ନାମ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପ୍ରକୃତିର ପୋଷଣ ପାଇଁ ମାତା ପୃଥିବୀ ଏବଂ ଆମ ମାତାମାନଙ୍କ ମଧ୍ୟରେ ସମାନ୍ତରାଳ ଚିତ୍ର ଆଙ୍କି ପ୍ରଧାନମନ୍ତ୍ରୀ ସମଗ୍ର ବିଶ୍ୱର ଲୋକଙ୍କୁ ନିଜ ମା ପାଇଁ ପ୍ରେମ, ସମ୍ମାନର ପ୍ରତୀକ ଭାବରେ ବୃକ୍ଷରୋପଣ କରି ମାତା ପୃଥିବୀକୁ ସୁରକ୍ଷା ଦେବା ପାଇଁ ଅନୁରୋଧ କରିଥିଲେ । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର ଗଜପତି ପରିସରରେ ଆୟୋଜନ କରାଯାଇଥିଲା ଏବଂ ଏଥିରେ ବିଭିନ୍ନ ବୃକ୍ଷରୋପଣ କରାଯାଇଥିଲା ।



## ଏପଲ୍ ବେର୍ ଫସଲ ପରିଚାଳନାର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

କୃଷିବିଜ୍ଞାନ କେନ୍ଦ୍ର ଗଜପତି ଦ୍ୱାରା ୨୦୨୫ ବର୍ଷ ଖରିଫ୍ ଋତୁରେ ଏପଲ୍‌ବେର୍ ଫସଲ ପରିଚାଳନା ଉପରେ ଆଗୁଆଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଗଜପତି ଜିଲ୍ଲାର ଶୁଷ୍କ-ପାହାଡ଼ିଆ ଅଞ୍ଚଳକୁ ଧ୍ୟାନରେ ରଖି କମ୍ ଜଳରେ ଚାଷ ହୋଇପାରୁଥିବା ଏହି ଫଳ ଗଛର ବୃଦ୍ଧି ସକାଶେ ବୈଜ୍ଞାନିକ ଚାଷ ପ୍ରକ୍ରିୟା ସହିତ ଗଛକୁ କାଣ୍ଟଛାଣ୍ଟ କରି ଗଛ ପିଛା ୫୦୦ ଗ୍ରାମ୍ ଯବକ୍ଷାରଜାନ, ୨୦୦ ଗ୍ରାମ୍ ଫସ୍‌ଫରସ୍ ଓ ୫୦୦ ଗ୍ରାମ୍ ପଟାସ୍ ପ୍ରୟୋଗ କରିବା ନିମନ୍ତେ ଉପଦେଶ ଦିଆଯାଇଥିଲା । ଏଥିସହିତ ଫୁଲ ଆସିବା ପୂର୍ବରୁ ୨% ପଟାସିୟମ୍ ନାଇଟ୍ରେଟ୍ ସ୍ପ୍ରେ କରିଲେ ଅମଳ ବଢ଼ିବ ବୋଲି ତାଲିମ୍ ପ୍ରଦାନ କରାଯାଇଥିଲା ।



କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

# କୃଷକ ଓ କୃଷିଜୀବୀ ମହିଳାଙ୍କ ନିମନ୍ତେ ତାଲିମ୍ କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କୃଷକ ଓ କୃଷିଜୀବୀ ମହିଳାଙ୍କ ନିମନ୍ତେ ଏକ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ତାଲିମ୍ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ୨୫ ଜଣ ଚାଷୀ ଯୋଗ ଦେଇଥିଲେ । କେନ୍ଦ୍ରର ଯନ୍ତ୍ରପାତି ବିଶେଷଜ୍ଞ ଜାନୁଆରିୟସ୍ କୁଜୁର୍ ବୁନ୍ଦା ଜଳସେଚନ ବିଷୟରେ ତାଲିମ୍ ଦେଇଥିଲେ ।




# ସ୍ୱଚ୍ଛତା ଅଭିଯାନ

କୃଷି ବିଜ୍ଞାନ କେନ୍ଦ୍ର ଗଜପତି ପ୍ରତିବର୍ଷ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନର ଉଦ୍ଦେଶ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରିଥାଏ । ୨୦୨୫ ମସିହାରେ ସେପ୍ଟେମ୍ବର ୧୭ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖରେ ସମାପ୍ତ ହୋଇଥିଲା । ଏହି ଅବସରରେ କେନ୍ଦ୍ର ପରିସର ସଫା ରଖିବା ନିମନ୍ତେ ନିୟମିତ ଘାସ କାଟିବା ସହିତ ନର୍ସରୀ ଏବଂ ଡେମୋ ୟୁନିଟ୍ ସଫା କରାଯାଇଥିଲା । ତତ୍ସହିତ ଗ୍ରାମଗୁଡ଼ିକରେ ସ୍ୱଚ୍ଛତା ରାଲି ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ମନ୍ଦିର ପରିସର ସଫେଇ ସହିତ ବିଭିନ୍ନ ସ୍କୁଲରେ ସ୍ୱଚ୍ଛତା ଶପଥ, ଡ୍ରଇଂ ପ୍ରତିଯୋଗିତା ଓ ଗଛ ଲଗାଣ କାର୍ଯ୍ୟକ୍ରମ କରାଯାଇଥିଲା ।



# କୃଷି ବିଜ୍ଞାନ କେନ୍ଦ୍ରରେ ବନ ମହୋତ୍ସବ ପାଳନ

ଚଳିତ ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲ୍ଲା ବନ ବିଭାଗର ମିଳିତ ଆନୁକୂଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବୃକ୍ଷରୋପଣ ଏବଂ ବନ ମହୋତ୍ସବ ପାଳନ କରାଯାଇଥିଲା । ଜଙ୍ଗଲ କ୍ଷୟ ଯୋଗୁଁ ପରିବେଶରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ସଚେତନତା କରାଯାଇଥିଲା । ଏହା ସହ ଜଙ୍ଗଲ କ୍ଷୟକୁ କିପରି ରୋକାଯାଇପାରିବ ତା' ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସଂଗ୍ରାମ ପରମଗୁରୁ, ବୈଜ୍ଞାନିକ ଡଃ ସୁଶ୍ରୀ ଚୌଧୁରୀ, ଡଃ ସଞ୍ଜୀବ କୁମାର ମାଣ୍ଡି, ଶ୍ରୀ ଜୟଶଙ୍କର ପ୍ରଧାନ, ଜାନୁଆରିୟସ୍ କୁଜୁର୍ ଏବଂ ଅନ୍ୟ କର୍ମଚାରୀ ପ୍ରମୁଖ ବୃକ୍ଷରୋପଣ କରିବା ସହିତ ଅଧିକରୁ ଅଧିକ ଗଛ ଲଗାଇ ପରିବେଶ ସୁରକ୍ଷା କରିବାକୁ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମ ଶେଷରେ ଚାଷୀମାନଙ୍କୁ ବିଭିନ୍ନ ଚାରା ବଣ୍ଟନ କରାଯାଇଥିଲା ।





**ପ୍ରକାଶକ:** କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି, **ମୁଖ୍ୟ ସମ୍ପାଦକ :** ଡ. ସଂଗ୍ରାମ ପରମଗୁରୁ (ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)
**ସମ୍ପାଦନା ମଣ୍ଡଳୀ:** ଡ. ସୁଶ୍ରୀ ଚୌଧୁରୀ (ବୈଜ୍ଞାନିକ, ଉଦ୍ୟାନ ବିଜ୍ଞାନ), ଡ. ସଂଜୀବ କୁମାର ମାଣ୍ଡି (ବିଷୟ ବସ୍ତୁ ବିଶେଷଜ୍ଞ, କ୍ଷେତ୍ର ବିଜ୍ଞାନ), ଶ୍ରୀ ଜୟଶଙ୍କର ପ୍ରଧାନ (ବିଷୟ ବସ୍ତୁ ବିଶେଷଜ୍ଞ, କୃଷି ପାଣିପାଗ), ଶ୍ରୀ ଜାନୁଆରିୟସ୍ କୁଜୁର୍, ବିଷୟ ବସ୍ତୁ ବିଶେଷଜ୍ଞ(କୃଷି ଇଞ୍ଜିନିୟରିଂ), ଶ୍ରୀ ମନୋଜ କୁମାର ସାହୁ (କାର୍ଯ୍ୟକ୍ରମ ସହାୟକ, କମ୍ପ୍ୟୁଟର), ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ୨୦୨୫୧୨୦୬୧୧ **ଯୋଗାଯୋଗ:** କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି-୭୬୧୦୧୬,
Email: kvkgajapati.ouat@gmail.com, kvk.gajapati@ouat.ac.in.

This document was created with the Win2PDF “Print to PDF” printer available at

https://www.win2pdf.com

This version of Win2PDF 10 is for evaluation and non-commercial use only.
Visit https://www.win2pdf.com/trial/ for a 30 day trial license.

This page will not be added after purchasing Win2PDF.

https://www.win2pdf.com/purchase/